# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25 March - 2025

*************************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ ୧୨ ଜଣ କଂଗ୍ରେସ ସଦସ୍ୟ ୭ ଦିନ ପାଇଁ ଗୃହକାର୍ଯ୍ୟରୁ ନିଲମ୍ବିତ

– ରାଜ୍ୟ ସରକାର ଶ୍ରୀମନ୍ଦିରକୁ ୫୦୦ କୋଟି ଟଙ୍କାର କର୍ପସପାଣ୍ଠି କଲେ ହସ୍ତାନ୍ତର

- ଜଷ୍ଟିସ ହରିସ ଟଣ୍ଡନ ଆସନ୍ତାକାଲି ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ନେବେ ଶପଥ

- ଆତ୍ମବିଶ୍ୱାସର ସହ ଲୋକମାନଙ୍କର ସେବା କରିବା ପାଇଁ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

ଏବଂ

- ଚଳିତ ସପ୍ତାହ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

*Desk*

## ବିଧାନସଭା– ବିଧାୟକ ନିଲମ୍ବିତ

ବିଧାନସଭା ବଜେଟ୍ ଅଧିବେଶନର ଦ୍ୱାଦଶ ଦିନରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗୃହରେ ବିଶୃଙ୍ଖଳିତ ଆଚରଣ ପାଇଁ ବାଚସ୍ପତି ସୁରମା ପାଢ଼ି କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ୭ଟି କାର୍ଯ୍ୟ ଦିବସ ପାଇଁ ନିଲମ୍ବନ କରିଛନ୍ତି। ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ନିଲମ୍ବନ ପାଇଁ ପ୍ରସ୍ତାବ ଆଗତ କରିଥିଲେ। କଂଗ୍ରେସର ନିଲମ୍ବିତ ହୋଇଥିବା ସଦସ୍ୟମାନେ ହେଲେ ରାମଚନ୍ଦ୍ର କାଡ଼ାମ, ସି.ଏସ୍.ରାଜନ ଏକ୍କା, ଦାଶରଥୀ ଗମାଙ୍ଗ, ଅଶୋକ ଦାସ, ସତ୍ୟଜିତ ଗମାଙ୍ଗ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନ, ମଙ୍ଗୁ ଖିଲ୍, ପବିତ୍ର ସାଉଣ୍ଟା, କାଡ୍ରାକା ଆପାଲାସ୍ୱାମୀ, ନୀଳମାଧବ ହିକ୍କା ଏବଂ ସୋଫିଆ ଫିର୍ଦ୍ଦୋସ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ ରମେଶ ଜେନାଙ୍କ ବ୍ୟତୀତ ଅନ୍ୟ ସମସ୍ତ ବିଧାୟକଙ୍କୁ ନିଲମ୍ବନ କରାଯାଇଛି।

ଅଧିବେଶନର ପ୍ରଥମାର୍ଦ୍ଧରେ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଏବଂ ଜାତିଭିତ୍ତିକ ଜନଗଣନା ଦାବିରେ ବିରୋଧୀ ଦଳ ବିଜେଡି ଦାବି କରିଥିବା ବେଳେ କଂଗ୍ରେସ ଦଳର ସଦସ୍ୟମାନେ ମହିଳା ସୁରକ୍ଷାକୁ ନେଇ ଗୃହରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲେ। ଗୃହକୁ ସୁପରିଚାଳନା ପାଇଁ ବାଚସ୍ପତି ସୁରମା ପାଢ଼ି ଚାରୋଟି ପର୍ଯ୍ୟାୟରେ ଗୃହକୁ ମୁଲତବୀ

ରଖିଥିଲେ। ବାଚସ୍ପତିଙ୍କ ଆହ୍ୱାନକ୍ରମେ ଏକ ସର୍ବଦଳୀୟ ବୈଠକ ଡକାଯାଇଥିଲେ ମଧ୍ୟ ସେଥିରେ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ଗୃହ ପରିସ୍ଥିତିରେ ସୁଧାର ନ ହେବାରୁ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ।

***Puri***

## ଶ୍ରୀମନ୍ଦିର- କର୍ପସ ପାଣ୍ଠି

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି। ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରୀମନ୍ଦିରର ବିଭିନ୍ନ ପ୍ରକଳ୍ପଗୁଡ଼ିକର ପରିଚଳାନା ସହ ଭକ୍ତମାନଙ୍କ ସୁବିଧା ସୁଯୋଗ ଉଦ୍ଦେଶ୍ୟରେ ଏହି ପାଣ୍ଠି ବାବଦରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ କ୍ୟାବିନେଟ୍‌ର ପ୍ରଥମ ବୈଠକରେ ଏ ସଂକ୍ରାନ୍ତରେ ପ୍ରସ୍ତାବ ପାରିତ ହୋଇଥିଲା। ବଜେଟ୍‌ରେ ବ୍ୟବସ୍ଥା ହେବା ପରେ ବିଧିବଦ୍ଧ ଭାବେ ଏହି ପାଣ୍ଠି ଶ୍ରୀମନ୍ଦିର ଜମାଖାତାକୁ ପ୍ରଦାନ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

***BBSR/R***

## ବିଧାନସଭା- ଚନ୍ଦନକାଠ

ରାଜ୍ୟରେ ୪ ହଜାର ୫୩୯ ରକ୍ତଚନ୍ଦନ ଗଛ ଥିବା ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଆଜି ବିଧାନସଭାରେ କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ଆସନ୍ତା ଏପ୍ରିଲ ମାସ

୯ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଚନ୍ଦନମଞ୍ଜି କାଠ ବିଶ୍ୱସ୍ତରୀୟ ଇ-ନିଲାମ ଓ ଇ-ଟେଣ୍ଡର ମାଧ୍ୟମରେ ବିକ୍ରି କରାଯିବ। ବର୍ତ୍ତମାନ ସୁଦ୍ଧା ତିନୋଟି ପର୍ଯ୍ୟାୟରେ ୩୮ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ମଞ୍ଜି କାଠକୁ ବିକ୍ରୟ କରାଯାଇଛି। ଏହି ସବୁ କାଠଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ହାରାହାରି ୧ କୋଟି ୩୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ ସୂଚନା ଦେଇଛନ୍ତି।

*CTC*

## ଓଡ଼ିଶା ହାଇକୋର୍ଟ- ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିସ ଟଣ୍ଡନ ଆସନ୍ତାକାଲି ଶପଥ ନେବେ। ଶପଥ ନେବା ପୂର୍ବରୁ ଜଷ୍ଟିସ ଟଣ୍ଡନ ଆଜି ପୁରୀ ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିଛନ୍ତି। ରତ୍ନବେଦୀରେ ଶ୍ରୀଜୀଉମାନଙ୍କ ଦର୍ଶନ ସହିତ ପାର୍ଶ୍ୱଦେବାଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ଆସନ୍ତାକାଲି ପୂର୍ବାହ୍ଣ ୧୦ଟାରେ ହାଇକୋର୍ଟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟି' ବିଚାରପତି ହରିଶ ଟଣ୍ଡନଙ୍କୁ ମୁଖ୍ୟ ବିଚାରପତି ଭାବେ ଶପଥ ପାଠ କରାଇବେ।

*Desk*

## ମନ୍ କି ବାତ୍-ମତାମତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀରେ ପ୍ରସାରଣ ହେବାକୁ ଥିବା 'ମନ୍ କି ବାତ' କାର୍ଯ୍ୟକ୍ରମ

ପାଇଁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି । ଚଳିତମାସର 'ମନ୍ କି ବାତ୍' କାର୍ଯ୍ୟକ୍ରମ ପାଇଁ ଅନେକ ଗୁଡ଼ିଏ ସୂଚନା ମିଳିଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି । ସମାଜର ଉନ୍ନତି ପାଇଁ ସାମୂହିକ ପ୍ରୟାସର ଶକ୍ତିକୁ ଏହା ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***PRO***

## ରାଜ୍ୟପାଳ- ପ୍ରଶାସନିକ ଅଧିକାରୀ ବୈଠକ

ନିଜ ମଧ୍ୟରେ ଶିଖିବାର ପ୍ରବୃତ୍ତି ଜାରି ରଖିବା ସହିତ ଜ୍ଞାନର ପରିଧିକୁ ଅଧିକ କରି ଦୃଢ଼ ଆତ୍ମବିଶ୍ୱାସର ସହ ଲୋକମାନଙ୍କର ସେବା କରିବା ପାଇଁ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପରାମର୍ଶ ଦେଇଛନ୍ତି। ଓଡ଼ିଶା ରାଜସ୍ୱ ସେବାରୁ ଓଡ଼ିଶା ପ୍ରଶାସନିକ ସେବାକୁ ପଦୋନ୍ନତି ପାଇଥିବା ୭୧ ଜଣ ଅଧିକାରୀ ଆଜି ରାଜଭବନରେ ରାଜ୍ୟପାଳ ଡକ୍ଟର କମ୍ଭମପାଟିଙ୍କୁ ସାକ୍ଷାତ କରିଥିଲେ। ଏହା ସହିତ ଓଡ଼ିଶା ପ୍ରଶାସନିକ ସେବା ୨୦୨୨ ବ୍ୟାଚ୍‌ର ୭୮ ଜଣ ନୂତନ ଭାବେ ନିଯୁକ୍ତି ପାଇଥିବା ଅଧିକାରୀଙ୍କ ସହିତ ରାଜ୍ୟପାଳ ଆଲୋଚନା କରିଥିଲେ। ଜନସାଧାରଣ ଓ ସରକାରଙ୍କର ବିଭିନ୍ନ ଯୋଜନା ମାଧ୍ୟମରୁ କିପରି ଉପଯୁକ୍ତ ଲାଭ ପାଇବେ ଏବଂ ଆତ୍ମନିର୍ଭରଶୀଳ କ୍ଷେତ୍ରରେ ଅଧିକ ପ୍ରୋତ୍ସାହିତ ହୋଇପାରିବେ ସେ ଦିଗରେ କାମ କରିବା ପାଇଁ ପ୍ରଶାସନିକ ସେବା ଅଧିକାରୀଙ୍କୁ ରାଜ୍ୟପାଳ କହିଥିଲେ। ସମ୍ବାଦପତ୍ର ଏବଂ ସମ୍ବାଦ ପରିବେଷଣ କରୁଥିବା ବିଭିନ୍ନ ଚ୍ୟାନେଲଗୁଡ଼ିକରୁ ଜ୍ଞାନ

ଆହରଣ କରି ପଢ଼ିବାର ଆଗ୍ରହକୁ ଜାଗ୍ରତ ରଖିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

***Malkangiri***

## ସମୀକ୍ଷା ବୈଠକ

ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ସୁଭା  ଶର୍ମା ଦୁଇଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ବିଭାଗର ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି।  ଜନଜାତି ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ବାଳିକାମାନଙ୍କ ସୁରକ୍ଷିତ ଭବିଷ୍ୟତ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଶ୍ରୀମତୀ ଶର୍ମା ଆଲୋଚନା କରିଥିଲେ। ମନରେଗା ଓ ଆଇ.ଟି.ଡି.ଏ. ମାଧ୍ୟମରେ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ରୋଜଗାର ପନ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଆଶିଷ କିଶୋର ପାଟିଲ ଯୋଗଦେଇ ସମସ୍ତ ବିଭାଗର କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

***Ganjam***

## ଦଣ୍ଡଯାତ୍ରା

ଗଞ୍ଜାମ ଜିଲ୍ଲାର ବିଭିନ୍ନ ଦଣ୍ଡକାଳୀ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ସହ ପାରମ୍ପରିକ ୨୧ ଦିନିଆ ଦଣ୍ଡଯାତ୍ରା  ଆଜିଠାରୁ ଆରମ୍ଭ ହୋଇଛି। ମାନସିକଧାରୀ ଦଣ୍ଡୁଆମାନେ ବିଧି ଅନୁଯାୟୀ, ବିଭିନ୍ନ ଶକ୍ତିପୀଠମାନଙ୍କରେ ପହଁଞ୍ଚିଛନ୍ତି। ୨୧ ଦିନ ଧରି ଜିଲ୍ଲାର ବ୍ରହ୍ମପୁର, ଆସିକା, ଭଞ୍ଜନଗର, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ସୋରଡ଼ା, ଗଞ୍ଜାମ,

ରମ୍ଭା ଆଦି ଅଞ୍ଚଳରେ ଏହି ଯାତ୍ରା ପାଳନ କରାଯାଉଛି। ମାନସିକଧାରୀ ପାଣିଦଣ୍ଡ, ଧୂଳିଦଣ୍ଡ ଏବଂ ଅଗ୍ନିଦଣ୍ଡ କରି ଗ୍ରାମ ପରିକ୍ରମା କରିବେ। ସୂଚନାଯୋଗ୍ୟ, ମୀନ ସଂକ୍ରାନ୍ତି ପରେ ଏହି ପର୍ବ ଆରମ୍ଭ ହେବା ସହ ମେଷ ସଂକ୍ରାନ୍ତି ଦିନ ମେରୁଯାତ୍ରାର ପୂର୍ଣ୍ଣାହୂତି ହୋଇଥାଏ।

***Kalahandi***

## ଶିକ୍ଷା ବିକାଶ ଉତ୍ସବ

କଳହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶିକ୍ଷା ବିକାଶ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଯୋଗଦେଇ ଜାତୀୟ ଶିକ୍ଷାନୀତିର ରୂପାୟନ ଏବଂ ନୀତିଗୁଡ଼ିକ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

***BHK***

## ଗୟାଧର ବାରିକ ସ୍ମୃତିଚାରଣ

ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଉତ୍କଳଜ୍ୟୋତି ଗୟାଧର ବାରିକଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ସ୍ୱର୍ଗତଃ ବାରିକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

*Nuapada*

## କେନ୍ଦ୍ରୀୟ ବିଦ୍ୟାଳୟ ନାମଲେଖା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଆଜି ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ଚୟନ ପ୍ରକ୍ରିୟା ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ତହସିଲଦାର ନରସିଂହ ଗଡ଼ବାଙ୍କ ସମେତ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଏବଂ ଅଭିଭାବକମାନେ ବୈଠକରେ ଉପସ୍ଥିତ ଥିଲେ। ଉଭୟ ଅନଲାଇନ୍ ଏବଂ ବିଦ୍ୟାଳୟ ନୋଟିସ୍ ବୋର୍ଡରେ ଚୟନ ତାଲିକା ପ୍ରକାଶ ପାଇବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

***Boudh***

## ଟ୍ରେନ ପରୀକ୍ଷଣ

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ବଲାଙ୍ଗୀରଠାରୁ ବୌଦ୍ଧ ଜିଲ୍ଲା ପୁରୁଣାକଟକ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇଛି। ଜିଲ୍ଲାର ପୁରୁଣାକଟକ ଠାରେ ନବନିର୍ମିତ ଷ୍ଟେସନ୍ ପର୍ଯ୍ୟନ୍ତ ସଫଳତାର ସହ ଚୂଡ଼ାନ୍ତ ପର୍ଯ୍ୟାୟ ଟ୍ରେନ୍ ଚଳାଚଳ କରିଥିବା ନେଇ ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଜନସାଧାରଣଙ୍କ ପାଇଁ ଯାତ୍ରୀ ସେବା ଆରମ୍ଭ ହେବ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ବୌଦ୍ଧ ଜିଲ୍ଲାରେ ୧୦୮ କିଲୋମିଟର ରହିଥିବାବେଳେ ଜିଲ୍ଲାର ମନମୁଣ୍ଡାଠାରୁ ପୁରୁଣାକଟକ ପର୍ଯ୍ୟନ୍ତ କାମ ଶେଷ ହୋଇଛି।

*Puri*

## ଶଙ୍କରାଚାର୍ଯ୍ୟଙ୍କ ପୁରୀ ଗସ୍ତ

କାଶୀପୀଠ ଶଙ୍କରାଚାର୍ଯ୍ୟ ଜଗତଗୁରୁ ସ୍ୱାମୀ ନରେନ୍ଦ୍ର ନନ୍ଦ ସରସ୍ୱତୀ ଆଜି ପୁରୀ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧା ବିଗ୍ରହ ଓ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରିଛନ୍ତି। ୭ ଜଣ ଶିଷ୍ୟଙ୍କ ସହିତ କାଶୀପୀଠ ଶଙ୍କରାଚାର୍ଯ୍ୟ ମହାପ୍ରଭୁଙ୍କୁ ଦର୍ଶନ ପରେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରୀମନ୍ଦିରର ଦର୍ଶନ ଶ୍ରେଷ୍ଠ। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

*Gajapati*

## ଆରୋଗ୍ୟ ଯୋଗଯାତ୍ରା

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ଆରୋଗ୍ୟ ଯୋଗ ଯାତ୍ରା' ସମ୍ପର୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସନ୍ଧ୍ୟାରାଣୀ ପାଣିଗ୍ରାହୀ ଯୋଗଦେଇ ପ୍ରସୂତି ଏବଂ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

*MET*

## ପାଣିପାଗ

ରାଜ୍ୟରେ ପଶ୍ଚିମାଝଡ଼ ପ୍ରଭାବ କମିଯାଇଥିବା ବେଳେ ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପାଣିପାଗ ସମ୍ପର୍କିତ କୌଣସି ସତର୍କ ସୂଚନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଚଳିତ ସପ୍ତାହର ଶେଷ ଆଡ଼କୁ ସମ୍ବଲପୁର, ସୋନପୁର,

ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇବ। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଦୁଇରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି। ଅନ୍ୟପକ୍ଷରେ ଆଜି ଝାରସୁଗୁଡ଼ା, ମାଲକାନଗିରି, ବୌଦ୍ଧ ଏବଂ ସୋନପୁରର ତାପମାତ୍ରା ୩୭ ଡିଗ୍ରୀରୁ ଅଧିକ ଥିଲା। ରାଜ୍ୟର ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ବୌଦ୍ଧରେ ରେକର୍ଡ କରାଯାଇଥିଲା।

*****